# ସଂସଦରେ ଆଇନ ପ୍ରଣୟନକୁ ରୋକିବାରେ କଂଗ୍ରେସ ହିଁ ଦାୟୀ ।

ତା.୧୬.୦୨.୨୦୧୪

**ଅରୁଣ ଜେଟଲୀ, ବିରୋଧୀ ଦଳର ନେତା, ରାଜ୍ୟସଭା**

ସଂସଦର ଗତ ସପ୍ତାହ ଅଧିବେଶନକୁ ଦୃଷ୍ଟି ଦେଲେ ଏକ ଯଥାର୍ଥ ପ୍ରଶ୍ନ ଉଠେ । ବାସ୍ତବରେ ସେଠାରେ ଆଇନ ପ୍ରଣୟନକୁ ରୋକୁଛି କିଏ ? ଗତ କାଲି କଂଗ୍ରେସର ଉପାଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧି ଉକ୍ତ ଶ୍ରେୟ ବି.ଜେ.ପି କୁ ଦେଇଛନ୍ତି । ହେଲେ ସତ୍ୟ ଏହିକି କଂଗ୍ରେସ ଆଜି ଉଭୟ ସଦନରେ ନିଜର ସଂଖ୍ୟା ଗରିଷ୍ଠତା ହରାଇ ବସିଛି । ରାସ୍ତା କଡ଼ର ବିକାଳି ମାନଙ୍କୁ ସୁରକ୍ଷା ଦେବା, ବୁନ୍ଦେଲଖଣ୍ଡରେ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଓ ଭିନ୍ନ କ୍ଷମ ଲୋଙ୍କ ବହୁ ସଂସ୍ଥା ପାଇଁ ସୁବିଧା ସୁଯୋଗ ଯୋଗାଇବା ଆଦି ବହୁ ନିୟମ ସାଧାରଣ ଆଲୋଚନା ମାଧ୍ୟମରେ ପାଶ ହୋଇପାରିଥାଆନ୍ତା । ବି.ଜେ.ପି ର ମଧ୍ୟ ଏହାକୁ ପାରିତ କରାଇବାରେ ସମର୍ଥନ ରହିଛି । ବି.ଜେ.ପି ର କୌଣସି ସଦସ୍ୟ କେବେ ସଦନ ପରିଚାଳନାରେ ବ୍ୟାଘାତ ସୃଷ୍ଟି କରିନାହାନ୍ତି । ହେଲେ ଆନ୍ଧ୍ର ପ୍ରଦେଶ ବିଭାଜନ ନେଇ ବିଶୃଙ୍ଖଳା ସୃଷ୍ଟି କରାଯାଇଥିଲା କେବଳ କଂଗ୍ରେସ ସଦସ୍ୟଙ୍କ ଦ୍ୱାରା ଓ ବାଚସ୍ପତି ଓ ଅଧ୍ୟକ୍ଷ ପୂର୍ବବତ ସଦନକୁ ସ୍ଥଗିତ ରଖିଥିଲେ । ତେବେ ମୁଁ ଆଶା କରୁଛି କି ରାହୁଲ ଗାନ୍ଧି ଉକ୍ତ ସଦନରେ ଉପସ୍ଥିତ ରହି ନିଜ ଦଳୀୟ କର୍ମଚାରୀଙ୍କ ଦ୍ୱାରା ସୃଷ୍ଟି କରାଯାଉଥିବା ବିଶୃଙ୍ଖଳା ସହ ଖାପ ଖୁଆଇ ଚାଲନ୍ତୁ । ସେଠି ଟୁ-ଜି ସ୍ପେକ୍ଟ୍ରମ, କୋଇଲା ଖଣି ଆବଣ୍ଟନ, ସି.ଡ଼ବଲ୍ୟୁ.ଜି ସ୍କାମ ଆଦି କୌଣସି ବଡ଼ ବଡ଼ ଦୁର୍ନୀତି ସମ୍ପର୍କରେ ଆଦୌ ଆଲୋଚନା କରା ନଯାଇ ସେ କେବଳ ବିଳମ୍ବରେ ଏତିକି ହୃଦୟଙ୍ଗମ କରିଛନ୍ତି କି, ଭ୍ରଷ୍ଟାଚାର ହେଉଛି ଭାରତୀୟ ରାଜନୀତିର ମୁଖ୍ୟ ସମସ୍ୟା । ତେଣୁ ତାଙ୍କୁ ପ୍ରଥମେ ନିଜ ଦଳ ସମ୍ପର୍କରେ ଆତ୍ମ ସମୀକ୍ଷା କରିବାକୁ ହେବ । ଏ ସମସ୍ତ ଆଇନ ପ୍ରଣୟନ କାହିଁକି ରୋକାଗଲା ବା କିଏ ରୋକିଲା ତାହା ମଧ୍ୟ ହୃଦୟଙ୍ଗମ କରିବାକୁ ହେବ । ତାଙ୍କୁ ବିଶୃଙ୍ଖଳା ସୃଷ୍ଟିକାରୀ କଂଗ୍ରେସ ସଦସ୍ୟଙ୍କ ବିରୋଧରେ ଯଥାର୍ଥ ପଦକ୍ଷେପ ମଧ୍ୟ ଗ୍ରହଣ କରିବାକୁ ହେବ । ତେବେ ଯାଇ ସଦନରେ ବହୁ ଆଇନ ବିନା ବାଧା ବିଘ୍ନରେ ପାରିତ ହୋଇପାରିବ ।